# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01 MAY– 2026**

## ମୁଖ୍ୟମନ୍ତ୍ରୀ

ମହିଳାମାନେ କେବଳ ଉପଭୋକ୍ତା ନୁହଁନ୍ତି, ସେମାନେ ସମୃଦ୍ଧ ଭବିଷ୍ୟତର ସହ-ରଚୟିତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଭୂମିକା ସମ୍ପର୍କୀତ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନର ଆଲୋଚନାରେ ନିଜର ବକ୍ତବ୍ୟ ରଖି ଶ୍ରୀ ମାଝୀ କହିଛନ୍ତି, ଜଣେ ଶିକ୍ଷିତ ଓ ସଶକ୍ତନାରୀ ଏକ ଶିକ୍ଷିତ ଏବଂ ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ । ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଆନ୍ତରିକତାର ଅଭାବ ରହୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ନାରୀଶକ୍ତି ବନ୍ଦନ ଅଧିନିୟମକୁ ପୂର୍ଣ୍ଣ ହୃଦୟରୁ ସ୍ୱାଗତ କରିବା ସହ ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ବିସ୍ତୃତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବେ। ଆଲୋଚନା ପରେ ସର୍ବସମ୍ମତିକ୍ରମେ ଗୃହରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ ପୂର୍ଣ୍ଣ ସମର୍ଥନ ଉଦ୍ଦେଶ୍ୟରେ ଏକ ସଂକଳ୍ପ ପାରିତ ହୋଇଥିଲା ।

## ପିଏମ୍ ଗ୍ରାମସଡ଼କ ଯୋଜନା-ସମାରୋହ

କେନ୍ଦ୍ର କୃଷି, କୃଷକ କଲ୍ୟାଣ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ଚୌହ୍ୱାନ ରାୟଗଡାଠାରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଚତୁର୍ଥ

ପର୍ଯ୍ୟାୟ ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହରେ ଯୋଗଦେବେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମଧ୍ୟ ସାମିଲ ହେବେ । ଏହି ଯୋଜନା ଅଧୀନରେ ୮୨୭ଟି ସଡ଼କ ପ୍ରକଳ୍ପରେ ୧ହଜାର ୭୦୧ କିଲୋମିଟର ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ୧ହଜାର ୬୯୮ କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରାଯାଇଛି ।

---

## ସ୍ୱତନ୍ତ୍ର ବୈଠକ

ଓଡିଶାରେ ଲୋକସେବା ଆଇନ ଅଧୀନରେ ସ୍ୱୟଂଚାଳିତ ଅପିଲ ବ୍ୟବସ୍ଥା ମେ' ମାସରେ କାର୍ଯ୍ୟକାରୀ ହେବାକୁ ଯାଉଛି ।  ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଅଧ୍ୟକ୍ଷତାରେ  ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋକସେବା ଅଧିକାର ଆଇନ ସମ୍ବନ୍ଧୀୟ ୩୨ଟି ବିଭାଗର ନୋଡାଲ ଅଧିକାରୀମାନେ ଯୋଗଦେଇଥିଲେ ।  ଓଡିଶା ଲୋକସେବା ଆଇନକୁ ସୁଦୃଢ଼ କରିବା ଏବଂ ସରକାରୀ ସେବାଗୁଡିକ ସମୟସୀମା ମଧ୍ୟରେ ପ୍ରଦାନ ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

---

## ଓଜେଏସ ପରୀକ୍ଷା

ଓଡିଶା ଲୋକସେବା ଆୟୋଗ-ଓପିଏସ୍‌ସି ପକ୍ଷରୁ ଓଡିଶା ନ୍ୟାୟିକ ସେବା-ଓଜେଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶପାଇଛି । ମୋଟ ୭୮ଟି ସିଭିଲ ଜଜ୍ ପଦ ପାଇଁ ଏହି ପରୀକ୍ଷା କରାଯିବ । ଏଥିପାଇଁ ଆସନ୍ତା ୮ତାରିଖରୁ ଆବେଦନ ଆରମ୍ଭ ହୋଇ ଜୁନମାସ ୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

---

## ଶ୍ରମିକ ଦିବସ

ରାଷ୍ଟ୍ରର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି ।

ଏହି ଦିବସ ପାଳନ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରମିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଭିନ୍ନ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ରାଜ୍ୟବ୍ୟାପୀ ୧୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ବଣ୍ଟନ କରିବେ । ଏହାସହ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ଜଣାପଡିଛି ।

## ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ

କେନ୍ଦ୍ରାପଡା ଜିଲ୍ଲାର ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ଆସନ୍ତା ଜୁଲାଇ ମାସ ୩୧ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ବଉଳା କୁମ୍ଭୀରମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ବନବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ରାଜନଗର ବନ୍ୟପ୍ରାଣୀ ଡିଭିଜନ ବନଖଣ୍ଡ ଅଧିକାରୀ ବରଦରାଜ ଗାଁଓକର କହିଛନ୍ତି, କୁମ୍ଭୀରମାନେ ଅଣ୍ଡାଦେଇସାରିବା ପରେ ଅଣ୍ଡାବସା ଗଣାଯିବ। ଆବଶ୍ୟକ ପଡିଲେ ଅଣ୍ଡାକୁ ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନ ମାଧ୍ୟମରେ ଶାବକ ଜନ୍ମ ପକ୍ରିୟା ସମ୍ପାଦନ କରାଯିବ ।

---

## ଆଇସିଏସ୍‌ସି

ରାଜ୍ୟରେ ଆଇସିଏସସି ଦଶମ ପରୀକ୍ଷାରେ ପାସ ହାର ୯୮ଦଶମିକ ୧୭ ପ୍ରତିଶତ ରହିଛି। ସେହିଭଳି ଦ୍ୱାଦଶ ଶ୍ରେଣୀରେ ୯୯ଦଶମିକ ୨୪ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଓମ୍‌ଫେଡ

ଓମ୍‌ଫେଡ ଦୁଗ୍ଧ ଚାଷୀଙ୍କୁ ଦୁଗ୍ଧ ଲିଟର ପିଛା ଅଧିକ ୧ଟଙ୍କା ମିଳିବ । ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଚାଷୀମାନେ ଲିଟର ପିଛା ୩୮ଟଙ୍କା ୫ପଇସା ପାଉଥିବା ବେଳେ ବର୍ତ୍ତମାନ ୩୯ଟଙ୍କା ୫ପଇସା ପାଇବେ ।  ନୂତନ ବର୍ଦ୍ଧିତ ଦର ଆଜିଠାରୁ କାର୍ଯ୍ୟକାରୀ ହେଉଛି ।

## ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଜିଲ୍ଲା କୋର୍ଟସ୍ଥିତ ରିଜୋନାଲ ଜୁଡିସିଆଲ ଏକାଡେମୀ ପରିସରରେ ଗତକାଲି ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପାରାଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ପ୍ରାଧିକରଣର ସଚିବ ପରାମର୍ଶ ଦେଇଥିଲେ । କ୍ଷତିପୂରଣ, ପାରିବାରିକ ବିବାଦ, ବିଭିନ୍ନ ଆଇନଗତ କାର୍ଯ୍ୟାବଳୀ ସମ୍ପର୍କରେ ଶିବିରରେ ଆଲୋଚନା ହୋଇଥିଲା ।

# ରବି ମଣ୍ଡି

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୨୬ତାରିଖଠାରୁ ରବି ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନସଂଗ୍ରହ କରାଯିବ । ୫ଟି ବ୍ଲକରେ ୬ଟି ମଣ୍ଡି ଖୋଲାଯିବ । ଜିଲ୍ଲାରେ ୨ହଜାର୨୨୧ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଜିଲ୍ଲାର ଚାରୋଟି ଲ୍ୟାମ୍ପସ୍ ଓ ୨ଟି ପାଣି ପଞ୍ଚାୟତ ଜରିଆରେ ନବରଙ୍ଗପୁର, ସିଉନିଗୁଡା, ନନ୍ଦାହାଣ୍ଡିର ସୁରୁଗୁଡା ଆଦି ସ୍ଥାନରେ ଧାନମଣ୍ଡି ଖୋଲାଯାଇ ଧାନସଂଗ୍ରହ କରାଯିବ।

# ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧ ଆଜିର ଦିନରେ ବୌଦ୍ଧ-ଗୟାଠାରେ ମହାବୌଧି ଗଛ ମୂଳରେ ନିର୍ବାଣ ପ୍ରାପ୍ତ କରିଥିଲେ ।

# ପାଣିପାଗ

ରାଜ୍ୟରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ବଲାଙ୍ଗୀରଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ଦଶମିକ ୨ଡିଗ୍ରୀ ସେଲସିୟସ ରହିଥିଲା ।